# NATIONAL NEWS BULLETIN (ODIA)

## 05th Autust - 2024

## Morning Bulletin : 7.15 a.m.

*************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଫିଜି, ନ୍ୟୁଜିଲାଣ୍ଡ ଏବଂ ତିମୋରଲିସ୍ତେ ତ୍ରିରାଷ୍ଟ୍ରୀୟ ଗସ୍ତ ଗଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଚଳିତ ଆର୍ଥିକ ବର୍ଷପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳ ଅନୁଦାନ ଦାବି ଉପରେ ଲୋକସଭାରେ ଆଜି ହେବ ଆଲୋଚନା ।
- ୨୦୨୪ ଆର୍ଥିକ ବର୍ଷରେ ରେକର୍ଡ଼ ଗ୍ୟାସ୍ ଉତ୍ପାଦନ ସଫଳତା ପାଇଁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।
- ରାଜ୍ୟର ସମସ୍ତ ଫସଲକୁ ଏମ୍.ଏସ୍.ପି. ଆଧାରରେ କିଣିବାକୁ ଘୋଷଣା କଲେ ହରିୟାଣା ମୁଖ୍ୟମନ୍ତ୍ରୀ ।

ଏବଂ

- ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କା ଭାରତ ବିପକ୍ଷରେ ୩୨ ରନ୍‌ରେ ବିଜୟୀ ।

## ପ୍ରେଜ୍ - ଫରେନ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତ୍ରିରାଷ୍ଟ୍ରୀୟ ଗସ୍ତରେ ଗତକାଲି ସନ୍ଧ୍ୟାରେ ଯାତ୍ରା କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ଗସ୍ତକାଳରେ ରାଷ୍ଟ୍ରପତି ପ୍ରଥମେ ଫିଜିର ନାଦି'ରେ ପହଞ୍ଚିବେ । ଫିଜି ରାଜଧାନୀ ଶୁଭା'ଠାରେ ରାଷ୍ଟ୍ରପତି ମୁର୍ମୁ ଫିଜି ପ୍ରତିପକ୍ଷ କାଟୋର୍ନିଭେରେ ଏବଂ ପ୍ରଧାନମନ୍ତ୍ରୀ ସିତିଭେନି ରେବୁକାଙ୍କ ସହ ଦ୍ୱିପକ୍ଷୀୟ ବୈଠକ କରି ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଫିଜି ସଂସଦକୁ ରାଷ୍ଟ୍ରପତି ସମ୍ବୋଧନ କରିବା ସହ ଏକ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବେ । ରାଷ୍ଟ୍ରପତି ମୁର୍ମୁ ଏହି ଦେଶ ଗସ୍ତ ସମୟରେ ପ୍ରବାସୀ ଭାରତୀୟମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବିକାଶମୁଖୀ ଫିଜିର ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରାଷ୍ଟ୍ର ।

ଏହାପରେ ରାଷ୍ଟ୍ରପତି ସେଠାରୁ ୮ ଓ ୯ ତାରିଖ ଦୁଇଦିନପାଇଁ ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ । ୱେଲିଂଟନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ଶିକ୍ଷା ସମ୍ମିଳନୀରେ ଯୋଗଦେବା ସହ ନ୍ୟୁଜିଲାଣ୍ଡର ଗଭର୍ଣ୍ଣର

ଜେନେରାଲ୍ ସିଣ୍ଡି କିରୋ ଏବଂ ପ୍ରଦାନମନ୍ତ୍ରୀ ଖ୍ରୀଷ୍ଟୋଫର ଲୁକ୍ସନ୍‌ଙ୍କ ସହ ଦୁଇଦେଶ ମଧ୍ୟରେ ସମ୍ପର୍କ ନେଇ ଆଲୋଚନା କରିବେ । ଅକ୍‌ଲାଣ୍ଡଠାରେ ପ୍ରବାସୀ ଭାରତୀୟଙ୍କ ସହ ଏକ କାର୍ଯ୍ୟକ୍ରମରେ ଯୋଗଦେବେ ।

ଗସ୍ତର ଶେଷ ପର୍ଯ୍ୟାୟରେ ୧୦ ତାରିଖ ଦିନ ରାଷ୍ଟ୍ରପତି ତିମୋର ଲିସ୍ତେ’ ଗସ୍ତରେ ଯାଇ ରାଷ୍ଟ୍ରପତି ଜୋସ୍ ରାମୋସ୍ ହୋର୍ତ୍ତା ଏବଂ ପ୍ରଧାନମନ୍ତ୍ରୀ କେ ରାଲା ‘ଜାନାନା’ ଗୁସ୍‌ମାଓଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତିଙ୍କ ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି ଭାରତର ପ୍ରାଚ୍ୟ ନୀତି ଏବଂ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକ ସହ ସମ୍ପର୍କକୁ ଦୃଢ଼ିଭୂତ କରିବା ।

## ପାର୍ଲାମେଣ୍ଟ ଟୁଡେ

ଲୋକସଭାରେ ଆଜି ୨୦୨୪-୨୫ ବର୍ଷ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅନୁଦାନ ଦାବି ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ସେହିଭଳି ଗୋଆ ରାଜ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁସୂଚିତ ଜନଜାତି ପ୍ରତିନିଧିତ୍ୱ ବିଲ୍ ୨୦୨୪ ଆଗତ ହୋଇପାରେ ।

ରାଜ୍ୟସଭାରେ 'ତୈଳକ୍ଷେତ୍ର ନିୟନ୍ତ୍ରଣ ଓ ବିକାଶ' ସଂଶୋଧନ ବିଲ୍-୨୦୨୪ ଆଗତ ହୋଇପାରେ । କୃଷି ମନ୍ତ୍ରଣାଳୟ କାର୍ଯ୍ୟକାରିତ ଉପରେ ମଧ୍ୟ ଆଜି ଗୃହରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## ପି.ଏମ୍. ମୋଦି - ଗ୍ୟାସ୍ ପ୍ରଡକ୍ସନ୍

୨୦୨୪ ଆର୍ଥିକ ବର୍ଷରେ ଭାରତ ୩୬ ଦଶମିକ ୪/୩ ବିଲିୟନ୍ କ୍ୟୁବିକ୍ ମିଟର - ବି.ସି.ଏମ୍. ଗ୍ୟାସ୍ ଉତ୍ପାଦନ କରିଛି, ଯାହାକି ୨୦୨୧ ଆର୍ଥିକ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ ରହିଛି । ସେହି ଆର୍ଥିକ ବର୍ଷରେ ୨୮ ଦଶମିକ ୭ ବି.ସି.ଏମ୍. ଗ୍ୟାସ୍ ଉତ୍ପାଦିତ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶକ୍ତି କ୍ଷେତ୍ରରେ ଦେଶର ଆତ୍ମନିର୍ଭରଶୀଳତାକୁ ପ୍ରଶଂସା କରିଛନ୍ତି । ଏହି ରେକର୍ଡ଼ ଗ୍ୟାସ ଉତ୍ପଦନ ସଫଳତା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି । ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଏ ସଂକ୍ରାନ୍ତୀୟ ସାମାଜିକ ଗଣମାଧ୍ୟମ ପୋଷ୍ଟ ପରିପ୍ରେକ୍ଷୀରେ ଶ୍ରୀ ମୋଦି ଏହା କହିଛନ୍ତି । ଗ୍ୟାସ୍ ଉତ୍ପାଦନରେ ୨୦୨୬ ଆର୍ଥିକ ବର୍ଷରେ ଭାରତ ୪୫ ଦଶମିକ ୩ ବି.ସି.ଏମ୍. ସଫଳତା ହାସଲ କରିବ ବୋଲି ଆଶା

କରାଯାଉଛି । ମନ୍ତ୍ରୀ ଶ୍ରୀ ପୁରୀ ଗତ ମାସରେ ସୂଚନା ଦେଇ କହିଥିଲେ, ଭାରତରେ ପେଟ୍ରୋଲ୍ ଦର ହ୍ରାସ ପାଇଥିବାବେଳେ ପଡ଼ୋଶୀ ଦେଶରେ ଏହା ବୃଦ୍ଧି ପାଇଛି ।

## ପି.ଏମ୍. ଏକ୍ସଗ୍ରାସିଆ

ମଧ୍ୟପ୍ରଦେଶର ମନ୍ଦିର ପାଚେରୀ ଭୂଷୁଡ଼ିବା ଘଟଣାରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପି.ଏମ୍. ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଘୋଷଣା କରାଯାଇଛି । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ଏକ ଦୁଃଖଦ ଘଟଣା । ମୃତକଙ୍କ ଲାଗି ସମବେଦନା ଜ୍ଞାପନ କରିବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି । ସୂଚନାଯୋଗ୍ୟ, ପ୍ରବଳ ବର୍ଷା ଯୋଗୁଁ ଗତକାଲି ମଧ୍ୟପ୍ରଦେଶରେ ସାଗର ଜିଲ୍ଲା ଅନ୍ତର୍ଗତ ଶାହାପୁର ଗ୍ରାମରେ ଏକ ମନ୍ଦିର ପରିସରରେ ଧାର୍ମିକ ସମାବେଶ ଚାଲିଥିବାବେଳେ ଏହି ଦୁର୍ଘଟଣ ଘଟିଥିଲା ।

# ହରିୟାଣା - ଏମ୍.ଏସ୍.ପି.

ରାଜ୍ୟର ସମସ୍ତ ଫସଲକୁ ସର୍ବନିମ୍ନ ସହାୟକ ମୂଲ୍ୟ ଆଧାରରେ କିଣିବାକୁ ହରିୟାଣା ମୁଖ୍ୟମନ୍ତ୍ରୀ ନୟାବ ସିଂହ ସାଇନି ଘୋଷଣା କରିଛନ୍ତି । କୁରୁକ୍ଷେତ୍ରଠାରେ ଆୟୋଜିତ ବି.ଜେ.ପି.ର ବିଜୟ ଶଙ୍ଖନାଦ ର୍‍ୟାଲିକୁ ସମ୍ବୋଧନ କରି ଶ୍ରୀ ସାଇନି କହିଛନ୍ତି, ରାଜ୍ୟ ସରକାର ବର୍ତ୍ତମାନ ଏମ୍.ଏସ୍.ପି. ଆଧାରରେ ୧୪ ପ୍ରକାର ଶସ୍ୟ କିଣୁଛନ୍ତି । ୧୩୩ କୋଟିର 'ଆବିୟାନା' ନାମରେ ପରିଚିତ କେନାଲ୍ ଜଳସେଚନ ଶୁଳ୍କ ଛାଡ଼ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଶୁଳ୍କକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହାଦ୍ୱାରା କୃଷକମାନଙ୍କର ବାର୍ଷିକ ୫୪ କୋଟି ଟଙ୍କାର ସଞ୍ଚୟ ହୋଇପାରିବ । ଗତ ୨୦୨୩ ପୂର୍ବରୁ ରୋହତକ୍, ନୂହ, ଫତେହାବାଦ ଏବଂ ସିରସାରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଫସଲ ନଷ୍ଟ ନେଇ କୃଷକଙ୍କୁ କ୍ଷତିପୂରଣ ବାବଦରେ ବକେୟା ଥିବା ୧୩୭ କୋଟି ଟଙ୍କା ଏକ ସପ୍ତାହ ମଧ୍ୟରେ ପ୍ରଦାନ କରାଯିବ ବୋଲି ଶ୍ରୀ ସାଇନି ଘୋଷଣା କରିଛନ୍ତି । ଏହି ଅର୍ଥରାଶି କୃଷକଙ୍କ ଜମାଖାତାକୁ ସିଧାସଳଖ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି ।

## କେରଳ – ୱାୟନାଡ଼୍

କେରଳର ୱାୟନାଡ଼ର ପୁଥୁମାଲା ଗତ ରାତିରେ ଚିହ୍ନଟ ହୋଇପାରି ନ ଥିବା ୮ଟି ମୃତଦେହକୁ ପୋତି ଦିଆଯାଇଛି । ମେପ୍ପାଡ଼ିରୁ ପ୍ରାୟ ୧୫ କିଲୋମିଟର ଦୂର ପୁଥୁମାଲା ସ୍ଥିତ ଶ୍ମଶାନକୁ ଏହି ମୃତଦେହଗୁଡ଼ିକୁ ନିଆଯାଇଥିଲା । ଅନ୍ତିମ ସଂସ୍କାରର ଏକ ଅଂଶସ୍ୱରୂପ ସେଠାରେ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା ।

ଅନ୍ୟପକ୍ଷରେ ସଶସ୍ତ୍ର ବାହିନୀ ନେତୃତ୍ୱରେ ଗତକାଲି ଷଷ୍ଠ ଦିନପାଇଁ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା । ମଲାପୁରମ୍‌ର ନିଲାମ୍ବୁର'ରୁ ଗୋଟିଏ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ଜଣଙ୍କର ଖଣ୍ଡବିଖଣ୍ଡିତ ଅଂଶକୁ ସୂଚପଡ଼ା ଜଳପ୍ରପାତ ନିକଟରୁ ଉଦ୍ଧାର କରାଯାଇଛି । ମୃତଦେହଗୁଡ଼ିକୁ ଖୋଜିବା ଲାଗି ଡ୍ରୋନ୍ କ୍ୟାମେରାର ସହାୟତା ନିଆଯାଇଥିଲା ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **Government's Efforts for Skilling**

**India** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ସଚିବ ଅତୁଲ କୁମାର ତିୱାରି ଏବଂ ଜାତୀୟ ଦକ୍ଷତା ବିକାଶ ନିଗମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏନ୍.ଏସ୍.ଡି.ସି. ଇଣ୍ଟରନ୍ୟାସନାଲ୍ ପରିଚାଳନା ନିର୍ଦ୍ଦେଶକ ବେଦମଣି ତିୱାରି ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

## ପ୍ୟାରିସ୍ ଅଲିମ୍ପିକ୍ସ

ଏଥର ପ୍ୟାରିସ୍ ଅଲିମ୍ପିକ୍ସ ସମ୍ପର୍କିତ କିଛି ଖବର ।

ପୁରୁଷ ହକି ପ୍ରତିଯୋଗିତାରେ ଭାରତ ସେମିଫାଇନାଲ୍‌ରେ ପ୍ରବେଶ କରିଛି । କ୍ୱାର୍ଟର ଫାଇନାଲ୍‌ରେ ଗତକାଲି ବ୍ରିଟେନ୍‌କୁ ସୁଟ୍‌ଆଉଟ୍‌ରେ ୪–୨ ଗୋଲ୍‌ରେ ପରାସ୍ତ କରିଛି । ନିର୍ଦ୍ଧାରିତ ସମୟରେ ୧–୧ ଗୋଲ୍‌ରେ ଖେଳ ଅମୀମାଂସିତ ଭାବେ ଶେଷ ହେବାରୁ ସୁଟ୍‌ଆଉଟ୍‌ର ନିଷ୍ପତ୍ତି ନିଆଯାଇଥିଲା ।

ପୁରୁଷ ବ୍ୟାଡ୍‌ମିଣ୍ଟନ୍ ସେମିଫାଇନାଲ୍ ପ୍ରତିଯୋଗିତାରେ ଲକ୍ଷ୍ୟ ସେନ୍ ପରାସ୍ତ ହୋଇଛନ୍ତି । ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ତଥା ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ଡେନ୍‌ମାର୍କର ଭିକ୍ଟର ଆକ୍‌ଜେଲ୍‌ସେନ୍‌ଙ୍କଠାରୁ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ହାରିଯାଇଥିଲେ ।

ମହିଳା ମୁଷ୍ଟିଯୋଦ୍ଧା ପ୍ରତିଯୋଗିତାରେ ୭୫ କିଲୋଗ୍ରାମ୍ ବର୍ଗର କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟାୟରେ ଲଭ୍‌ଲିନା ବୋର୍ଗୋହେଁ ପରାସ୍ତ ହୋଇଛନ୍ତି ।

ମହିଳା ୩ ହଜାର ମିଟର ଷ୍ଟିପଲ୍ ଚେଜ୍‌ରେ ପାରୁଲ୍ ଚୌଧୁରୀ ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି ।

ଆଜିଠାରୁ କୁସ୍ତି ପ୍ରଯୋଗିତା ଆରମ୍ଭ ହେଉଛି ।

## ଟେଲିଭିଜନ୍ ପ୍ରୋଗ୍ରାମ୍

ଦୂରଦର୍ଶନ ୪ଟି ନୂଆ ଟେଲିଭିଜନ କାର୍ଯ୍ୟକ୍ରମର ଘୋଷଣା କରିଛି । ଏ ସମସ୍ତ ଶୋ'ଗୁଡ଼ିକ ଅଗଷ୍ଟ ପ୍ରଥମ ଭାଗରେ ପ୍ରିମିର ନିମନ୍ତେ ନିର୍ଦ୍ଧାରିତ

କରାଯାଇଛି, ଯାହାକି ଦୂରଦର୍ଶନର ସହ୍ୟାଦ୍ରି ଓ ରାଷ୍ଟ୍ରୀୟ ଚ୍ୟାନେଲ୍‌ରେ ପ୍ରସାରିତ ହେବ । ଦୂରଦର୍ଶନ ମୁମ୍ବାଇର ପ୍ରମୁଖ ସନ୍ଦୀପ ସୁଦ୍ କହିଛନ୍ତି, ଏହି ନୂଆ ଶୋ'ଗୁଡ଼ିକର ନାମ ଆମ୍‌ଚି ଅନନ୍ୟା, ଆମ୍‌ଚେ ହେ... ଆମଚି ହି, ବଚୁ ଆନନ୍ଦେ ଏବଂ ହମ୍ ତୋ ମିଡିଲ୍ କ୍ଲାସ ହେ । ଏହି ନୂତନ କାର୍ଯ୍ୟକ୍ରମ ସାଂସ୍କୃତିକ ଐତିହ୍ୟର ଉତ୍ସବ ପାଳନ କରିବା, ସାହିତ୍ୟିକ ଉତ୍କୃଷ୍ଟତାକୁ ଅଗ୍ରାଧିକାର ଦେବା ଏବଂ ମନକୁ ଛୁଇଁଯାଉଥିବା ମନୋରଞ୍ଜନ ପ୍ରଦାନ କରିବା ପ୍ରତି ଏହା ଦର୍ଶାଉଛି ।

## କ୍ରିକେଟ୍

ଭାରତ-ଶ୍ରୀଲଙ୍କା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଗତକାଲି ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କା ୩୨ ରନ୍‌ରେ ବିଜୟୀ ହୋଇଛି । କଲମ୍ବୋର ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରିଥିଲା । ପ୍ରଥମ ବଲ୍‌ରେ ୱିକେଟ୍ ହରାଇ ମଧ୍ୟ ଶ୍ରୀଲଙ୍କା ୯ ୱିକେଟ୍‌ରେ ୨୪୦ ରନ୍ ସଂଗ୍ରହ କରିଥିଲା । ୨୪୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୪୨ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୦୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ଭାରତର ଓପନିଂ ଯୋଡ଼ି ଚମତ୍କାର ପାଳି ଆରମ୍ଭ କରିଥିଲେ

ମଧ୍ୟ ପରବର୍ତ୍ତୀ ବ୍ୟାଟସ୍‌ମ୍ୟାନ୍‌ଙ୍କ ରନ୍ ସଂଗ୍ରହ କରିବାରେ ବିଫଳ ହୋଇଥିଲେ । ଶ୍ରୀଲଙ୍କର ସ୍ପିନର୍ ଜେଫ୍ରି ଭାନ୍ଦରସେ ୩୩ ରନ୍ ବିନିମୟରେ ୬ଟି ଓ୍ୱିକେଟ୍ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଏହି ବିଜୟ ସହ ତିନିଟିକିଆ ସିରିଜ୍‌ରେ ଶ୍ରୀଲଙ୍କା ୧-୦ରେ ଆଗୁଆ ରହିଛି । ଗତ ଶୁକ୍ରବାର ଦିନ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ଟି ଅମୀମାଂସିତ ଭାବେ ଶେଷ ହୋଇଥିଲା । ଆସନ୍ତା ୭ ତାରିଖ ଦିନ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ ।

*****